ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ୩ ଜୁଲାଇ, ୨୦୨୦ Sambalpur, Friday, July 3 / 2020

# ଆଜିଠୁ କଟକଣା କଡ଼ାକଡ଼ି

**ବଲାଙ୍ଗୀର ଅଫିସ, ୨।୭**

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମଣର ବର୍ଦ୍ଧିତ ଗତିକୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ପକ୍ଷରୁ ଜୁଲାଇ ମାସରେ କଟକଣାକୁ କଡ଼ାକଡି କରାଯାଇଛି । ସରକାର ଅନ୍‌ଲକ୍-୨ କଥା କହୁଥିଲେ ମଧ୍ୟ ଜିଲାରେ କରୋନା ସଂକ୍ରମଣର ଧାରା ଚିନ୍ତାଜନକ ହେଉଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଏପିଡେମିକ୍ ଡିଜିଜ୍ ଆକ୍ଟ-୧୮୯୭, ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ ଏବଂ କୋଭିଡ ରେଗୁଲେଶନ୍‌ସ ୨୦୨୦ ଅନୁଯାୟୀ ଦୁଇଟି ନୂଆ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ପ୍ରଥମ ନିର୍ଦ୍ଦେଶାବଳୀରେ ଜିଲାପାଳ ଅରିନ୍ଦମ ଡାକୁଆ ଜୁଲାଇ ମାସର କଟକଣା ଉପରେ ସୂଚନା ଦେଇଛନ୍ତି । ଜୁନ୍ ଭଳି ଜୁଲାଇ ମାସରେ ମଧ୍ୟ ପ୍ରତ୍ୟେକ ଶନିବାର ଓ ରବିବାର ଶଟ୍‌ଡାଉନ୍ କରାଯିବ । ଏହି ସମୟରେ କେବଳ ଅତ୍ୟାବଶ୍ୟକ ଓ ଜରୁରୀ ସେବା ଖୋଲା ରହିବ । ସମସ୍ତ ମେଡିକାଲ ହସ୍ପିଟାଲ, କ୍ଲିନିକ୍, ନର୍ସିଂହୋମ୍, ଔଷଧ ଦୋକାନ ଖୋଲା ରହିବ। ଆମ୍ବୁଲାନ୍ସ ଯାତାୟାତ ଓ ମେଡିକାଲ କର୍ମଚାରୀ ଯିବା ଆସିବା କରିପାରିବେ । ଜିଲା ଜରୁରୀ ଅଫିସ, ପୌର ପ୍ରଶାସନ, ପୋଲିସ ଓ ଅଗ୍ନିଶମ ବିଭାଗ କାର୍ଯ୍ୟ ଜାରି ରହିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନ ସମସ୍ତ ଜରୁରୀ ଅଫିସ, ଟେଲିକମ୍, ପେଟ୍ରୋଲ ପମ୍ପ, ପ୍ରିଣ୍ଟ ଓ ବୈଦ୍ୟୁତିକ ଗଣମାଧ୍ୟମ, ପାନୀୟ ଜଳ ଓ ପରିମଳ, ବିଦ୍ୟୁତ୍ ବିଭାଗ, ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ, ଶିଳ୍ପସଂସ୍ଥା, କାରଖାନା ଓ ନିର୍ମାଣ କାର୍ଯ୍ୟ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀଧନ ସେବା, ଜାତୀୟ ରାଜପଥ, ରାଜପଥରେ ଯାନବାହନ, ପ୍ରଶାସନ ଅନୁମତିରେ ବିବାହ ଓ ମୃତାହ କାର୍ଯ୍ୟ, ଏଟିଏମ୍, ଆରବିଆଇ ଅତ୍ୟାବଶ୍ୟକ କାର୍ଯ୍ୟ, ଜାତୀୟ ରାଜପଥ କଡ଼ ଢାବା ଓ କ୍ଷୀର ବୁଥ୍ ଖୋଲା ରହିବାକୁ ଅନୁମତି ଦିଆଯାଇଛି । ଏହି ନିର୍ଦ୍ଦେଶାବଳୀ ଆଗାମୀ ଶନିବାରଠାରୁ କାର୍ଯ୍ୟକାରୀ ହେବ । ଏହି ନିୟମ ଉଲ୍ଲଂଘନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି ।

ଦ୍ୱିତୀୟ ନିର୍ଦ୍ଦେଶାବଳୀରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳରେ ଜୁଲାଇ ୩ ତାରିଖ ଶୁକ୍ରବାରଠାରୁ ଚା, ପାନ ଦୋକାନ, ଲସି ଓ ମୃଦୁ ପାନୀୟ, ସମସ୍ତ ରାସ୍ତାକଡ ଓ ଉଠା ଖାଦ୍ୟ ଦୋକାନ, ବରା, ଇଡଲି, ଫାଷ୍ଟଫୁଡ୍, ସମସ୍ତ ଜଳଖିଆ ଓ ହୋଟେଲ ବନ୍ଦ ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ପରବର୍ତ୍ତୀ ଘୋଷଣା ପର୍ଯ୍ୟନ୍ତ ଏହି ନିୟମ ପାଳନ ହେବ । ଏହି ନିର୍ଦ୍ଦେଶାବଳୀ ଉଲ୍ଲଂଘନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଡାକୁଆ ସୂଚନା ଦେଇଛନ୍ତି । ଏହି ନିୟମକୁ କଡାକଡି ପାଳନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏସ୍‌ପି, ଉପଜିଲାପାଳ, ତହସିଲଦାର, ପୌର ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଛି ।



ହାତୀଶାଳପଡ଼ା କଣ୍ଟେନମେଣ୍ଟ ଜୋନ୍ ସଂଲଗ୍ନ ଠିକାଦାରପଡା ବ୍ରିଜ୍-ପବ୍ଲିକ୍ ସ୍କୁଲ ରାସ୍ତାକୁ ସିଲ୍ କରାଯାଇଛି ।

**ବଲାଙ୍ଗୀର ଜିଲାରେ କରୋନା ମୁକାବିଲା**

- ପୂର୍ବଭଳି ମାସର ପ୍ରତି ଶନିବାର, ରବିବାର ହେବ ଶଟ୍‌ଡାଉନ୍
- ଶଟ୍‌ଡାଉନ୍‌ରେ ଅତ୍ୟାବଶ୍ୟକ ସେବା ଛାଡ଼ି ଅନ୍ୟ ସବୁ ବନ୍ଦ ରହିବ
- ପୌରାଞ୍ଚଳରେ ବନ୍ଦ ହେଲା ଚା', ପାନ, ଫାଷ୍ଟଫୁଡ୍, ଉଠା ଖାଇବା ଦୋକାନ
- ଜଳଖିଆ ଦୋକାନ ଓ ହୋଟେଲ ବି ବନ୍ଦ ରହିବ

## ସଂକ୍ଷେପରେ

### ୨ ଗାଁ ସାଥୀ ନିଲମ୍ବିତ

**ବଡଗାଁ,୨।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତର ବିର୍ସୁ ଗାଁ ନିକଟରେ ଏମ୍‌ଜିଏନ୍‌ଆରଇଜିଏସ ପୋଖରୀ ଖନନ କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା । ଶେଷରେ ସରପଞ୍ଚ ଲାକ୍ରା ପଞ୍ଚାୟତ ଅଫିସପତ୍ର ସଂଖ୍ୟା ୪୫/୩୦।୬।୨୦୨୦ରେ ଗାଁ ସାଥୀ ରବିରତ୍ନ କିଷାନ ଓ ବିପିନ କିଷାନଙ୍କୁ ନିଲମ୍ବନ କରିଛନ୍ତି । ଗାଁ ସାଥୀ ରବିରତ୍ନ କିଷାନ ଶ୍ରମିକଙ୍କ ମଜୁରି ଉଠାଣ କରିଥିବା ତଥ୍ୟ, ପ୍ରମାଣ ସହିତ ବଡ଼ଗାଁ ବିଡିଓ, ପିଡି ଡିଆରଡିଏଙ୍କଠାରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ । ଏପିଡି ଏହି ଘଟଣାର ତଦନ୍ତ କରିଥିଲେ। ବିର୍ସୁ ଗ୍ରାମବାସୀ ଓ ୱାର୍ଡମେମ୍ବରମାନେ ସରପଞ୍ଚଙ୍କୁ ତଥ୍ୟ, ପ୍ରମାଣ ଦେଖାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । କିନ୍ତୁ ସରପଞ୍ଚ ଅହଲ୍ୟା ଲାକ୍ରା ଗାଁ ସାଥୀଙ୍କୁ ନିଲମ୍ବିତ କିମ୍ବା ବହିଷ୍କାର କରିବା କ୍ଷମତା ନାହିଁ କହିଥିଲେ । ଏହାପରେ ଗ୍ରାମବାସୀ ଜିଲାପାଳଙ୍କୁ ସୋମବାର ଏ ସଂକ୍ରାନ୍ତରେ ଜଣାଇଥିଲେ ।

### କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ଆଉ ୪ ଚିହ୍ନଟ

**ବଲାଙ୍ଗୀର ଅଫିସ, ୨।୭:** ବଲାଙ୍ଗୀର ଜିଲାରେ ଆଉ ୭ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯୪କୁ ବୃଦ୍ଧି ପାଇଛି। ଏଥିରେ ୪୪ ଜଣ ସକ୍ରିୟ ରହିଥିବାବେଳେ ୧୫୦ ଜଣ ସୁସ୍ଥ ହୋଇଛନ୍ତି । ଗୁରୁବାର ବଲାଙ୍ଗୀର ସହର ହାତୀଶାଳ କଣ୍ଟେନମେଣ୍ଟ ଜୋନ୍‌ରୁ ଆଉ ୪ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସାଧାରଣରେ ଚିନ୍ତା ପ୍ରକଟ ପାଇଛି । ଏହି ୪ଜଣ ଲୋକାଲ କଣ୍ଟାକ୍ଟ ବୋଲି କୁହାଯାଇଛି । ପୂର୍ବରୁ ୧୫ ଜଣ ଲୋକାଲ କଣ୍ଟାକ୍ଟ ଚିହ୍ନଟ ହୋଇସାରିଥିଲେ । ଆଗଲପୁର ବ୍ଲକ ପଣ୍ଡକିଟାଲର ଦୁଇଜଣ ଯୁବକ ଓ ପୁଇଁତଲା ବ୍ଲକ ଜାମସର ଗ୍ରାମର ଜଣେ ମହିଳା କରୋନା ସଂକ୍ରମିତ ବୋଲି ଜଣାପଡିଛି । ହାତୀଶାଳପଡା କଣ୍ଟେନମେଣ୍ଟ ଜୋନ୍‌ରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘରକୁ ଘର ସର୍ଭେ, ପୌର ବିଭାଗ ପକ୍ଷରୁ ସାନିଟେଶନ୍ କାମ ଜାରି ରହିଛି।

### ଯୁବକଙ୍କୁ ହତ୍ୟା ଘଟଣା: ମା,ଝିଅ ସମେତ ୩ଗିରଫ

**ବରପାଲି,୨।୭(ଡି.ଏନ.ଏ):** ବରଗଡ଼ ଜିଲା ବରପାଲି ଥାନା ମୁନୁପାଲିର ନରେଶ ରାୟ(୨୨)ଙ୍କ ନିଖୋଜ ଏବଂ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି । ପୋଲିସ ଏହି ଘଟଣାରେ ଗୁରୁବାର ୩ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ, କେବାଡ଼ର ପଙ୍କଜିନୀ ଭୋଇ, ଝିଅ ସନ୍ତୋଷିନୀ ଏବଂ ପତେଲପାଲିର ବଶିଷ୍ଠ ଜୁଆଡ଼ି । ଆଉଜଣେ ଅଭିଯୁକ୍ତ ତଥା ପଙ୍କଜିନୀଙ୍କ ପୁଅ ପିତାମ୍ବର ଭୋଇ ଫେରାର୍ ଅଛନ୍ତି । ଏ ନେଇ ବରପାଲି ଥାନାରେ ମାମଲା ରୁଜୁ ହୋଇଛି । ମୃତ ଯୁବକ ନରେଶ ଗତ ୨୮ ତରିଖରୁ ନିଖୋଜ ଥିଲେ । ଏ ନେଇ ପରିବାର ଲୋକେ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଥିଲା। ଘଟଣା ପଛରେ ଉପରୋକ୍ତ ଅଭିଯୁକ୍ତଙ୍କ ହାତ ଥିବା ସନ୍ଦେହ କରିଥିଲେ। ସେମାନଙ୍କୁ ପଚରାଉଚୁରା ପରେ ଅଭିଯୁକ୍ତମାନେ ନରେଶଙ୍କୁ ହତ୍ୟା କରିଥିବା ଏବଂ ଶବକୁ ଗ୍ରାମର ଏକ ଜଳାଶୟକୁ ଫିଙ୍ଗି ଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ ।

# ବୋଲେରୋ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ

**ତରଭା,୨।୭(ଡି.ଏନ.ଏ.)**

ସୋନପୁର-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ବଇରାସର ନିକଟରେ ଗୁରୁବାର ବୋଲେରୋ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି । ସକାଳ ୬ଟା ବେଳେ ସୋନପୁର ବଡବଜାରପଡା ଗଙ୍ଗାଧର ଛକ ପାଖରେ ଥିବା ନୂଆଁପଡାର ଖଗେଶ୍ୱର ସାହୁ(୬୨) ଓ ତାଙ୍କ ସ୍ତ୍ରୀ ଗାୟତ୍ରୀ (୫୬) ସୋନପୁରରୁ ବାଇକ (ନଂ-ଓଡି ୩୧ ସି ୨୨୭୮)ରେ ବଲାଙ୍ଗୀର ଅଭିମୁଖେ ଯାଉଥିଲେ । ଏହି ସମୟରେ ବଇରାସର ନିକଟ ଏକ କୁକୁଡା ଫାର୍ମ ସାମ୍ନାରେ ସୋନପୁର ପଟରୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ଖଗେଶ୍ୱରଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଉଭୟେ ସ୍ୱାମୀ ସ୍ତ୍ରୀ ବାଇକ୍‌ରୁ ଛିଟିକି ପଡିଥିଲେ । ଘଟଣାସ୍ଥଳରେ ଗାୟତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଖଗେଶ୍ୱର ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଖଗେଶ୍ୱରଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ପୁଇଁତଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିଛି । ବ୍ୟବଚ୍ଛେଦ ପରେ ଦମ୍ପତିଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୋନପୁର-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି । ଗାଡି ଚାଳକଙ୍କ ବେପରୁଆ ଗାଡିଚାଳନା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି । ଗତ ତିନିଦିନ ମଧ୍ୟରେ ଏହି ରାସ୍ତାରେ ୭ ଜଣଙ୍କ ମୃତ୍ୟୁ ଘଟିଲାଣି ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ସମ୍ବଲପୁର,୨।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଧମା ରେଞ୍ଜ ବାଣୀଝରନ ନିକଟସ୍ଥ ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ଜୁନାପାଣି ଗ୍ରାମର ଯୋନସ ଗୁଡିଆ (୫୦) । ଧମା ରେଞ୍ଜର ଆଲୋକ ଷଡଙ୍ଗୀ,ସଦର ରେଞ୍ଜର ଗୌରୀ ଦାସଙ୍କ ସମେତ ବନ କର୍ମଚାରୀ ଏନେଇ ତଦନ୍ତ ଆରମ୍ଭ କରିଛନ୍ତି । ରେଞ୍ଜର ଷଡଙ୍ଗୀଙ୍କ କହିବା ଅନୁସାରେ ବୁଧବାର ଯୋନସ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । ସେ ଘରକୁ ଫେରିବା ସମୟରେ ହାତୀ ହାବୁଡରେ ପଡିଥିଲେ । ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଛି ।

# ୪ ଦିନ ପରେ ବି ପୂଜା,ସାନ୍‌ବୀଙ୍କ ପତ୍ତା ମିଳୁନି


ମହାନଦୀରେ ନିଖୋଜ ମାଆ, ଝିଅଙ୍କୁ ଉଦ୍ଧାର ଲାଗି ଅଗ୍ନିଶମ ବିଭାଗ କର୍ମଚାରୀ ବୋଟ ନେଇ ଯାଉଛନ୍ତି ।

- ଫେରିଲେ ଓଡ୍ରାଫ୍ଟ ଟିମ୍
- ସ୍ୱାମୀଙ୍କ ଟେର ପାଉନି ପୋଲିସ

**ସମ୍ବଲପୁର, ୨।୭ (ବ୍ୟୁରୋ):** ମହାନଦୀ ଦ୍ୱିତୀୟ ସେତୁ ଉପରୁ ନିଖୋଜ ଥିବା ଧମା ଥାନା ଅଞ୍ଚଳର ପୂଜା ଅଗ୍ରୱାଲ (୩୨) ଓ ତାଙ୍କ ଅଢ଼େଇ ବର୍ଷର ଝିଅ ସାନବୀଙ୍କ ୪ ଦିନ ପରେ ବି ପତ୍ତା ମିଳୁନି । ସେମାନେ ମହାନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ପୂଜାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଓଡ୍ରାଫ୍ଟ ଓ ଅଗ୍ନିଶମ ବିଭାଗ ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରିଥିଲା । ଗୁରୁବାର ସକାଳୁ ଝାରସୁଗୁଡ଼ାରୁ ଆସିଥିବା ଓଡ୍ରାଫ୍ଟ ଟିମ ଓ ସମ୍ବଲପୁର ଅଗ୍ନିଶମ ବିଭାଗର ୨ଟି ଟିମର ୧୬ଜଣ ସଦସ୍ୟ ଏହି କାମରେ ନିୟୋଜିତ ହୋଇଥିଲେ । ମହାନଦୀ ଦ୍ୱିତୀୟ ସେତୁରୁ ଧମା ପର୍ଯ୍ୟନ୍ତ ସେମାନେ ବୋଟ୍‌ରେ ଯାଇ ଖୋଜିଥିଲେ । ହେଲେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଟିମ୍ ସଫଳ ହୋଇପାରି ନ ଥିଲେ । ଶେଷରେ ଓଡ୍ରାଫ୍ଟ ଟିମ୍ ଫେରି ଯାଇଛନ୍ତି । ଅନ୍ୟପକ୍ଷେ ପୋଲିସ ପୂଜାଙ୍କ ସ୍ୱାମୀଙ୍କୁ ଖୋଜୁଛି । ହେଲେ ସେ ଫେରାର ଥିବା ଖବର ମିଳିଛି ।

# ସମ୍‌ରେ ହେବ କୋଭିଡ୍ ଭ୍ୟାକ୍ସିନ୍ ପରୀକ୍ଷଣ

**ଭୁବନେଶ୍ୱର,୨।୭(ବ୍ୟୁରୋ)**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଭାରତର ପ୍ରଥମ କୋଭିଡ୍-୧୯ ଭ୍ୟାକ୍ସିନର ପରୀକ୍ଷଣ କରାଯିବ। ମଣିଷ ଉପରେ ଏହି ଭ୍ୟାକ୍‌ସିନର ପ୍ରୟୋଗ କରିବାକୁ ଓଡ଼ିଶାର ଏକମାତ୍ର ପରୀକ୍ଷଣ କେନ୍ଦ୍ର ଭାବେ ସମ୍‌କୁ ମନୋନୀତ କରାଯାଇଛି। ଏନେଇ ଆଇସିଏମ୍‌ଆର୍ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ବହୁ ପ୍ରତୀକ୍ଷିତ ଭ୍ୟାକ୍ସିନ୍‌ର କ୍ଲିନିକାଲ୍ ଟ୍ରାଏଲ୍ ପରେ କୋଭିଡ୍-୧୯ ମହାମାରୀରୁ ଦେଶକୁ ରକ୍ଷା କରିବା ନେଇ ରହିଥିବା ସମ୍ଭାବନା ସମ୍ପର୍କରେ ଜଣାପଡ଼ିବ। ଭ୍ୟାକ୍‌ସିନ୍‌ର ପ୍ରୟୋଗ ପାଇଁ ଆଇସିଏମଆର ପକ୍ଷରୁ ସମ୍ ହସ୍ପିଟାଲ୍‌କୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୁହାଯାଇଛି। ହସ୍ପିଟାଲ୍‌ର କମ୍ୟୁନିଟି ମେଡିସିନ ବିଭାଗର ପ୍ରଫେସର ଇ. ଭେଙ୍କଟ ରାଓ ଏହାର ପ୍ରମୁଖ ପରୀକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ଏହାବ୍ୟତୀତ ଓଡ଼ିଶାରେ କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ନିମନ୍ତେ ପ୍ଲାଜ୍‌ମା ଥେରାପିର ପ୍ରୟୋଗ ନିମନ୍ତେ ମନୋନୀତ ହୋଇଥିବା ୪ଟି ହସ୍ପିଟାଲ୍ ମଧ୍ୟରେ ସମ୍ ହସ୍ପିଟାଲ୍‌କୁ ମନୋନୀତ କରାଯାଇଛି ।ଆଇସିଏମଆର୍ ଏବଂ ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ଦ୍ୱାରା ପୃଥକ କରାଯାଇଥିବା ଭାଇରସ୍‌ର ଷ୍ଟ୍ରେନକୁ ନେଇ ଏହି ଚର୍ଚ୍ଚିତ ଭ୍ୟାକ୍ସିନ୍ ପ୍ରସ୍ତୁତ କରାଯାଇଛି। ଆଇସିଏମ୍‌ଆର୍ ଏବଂ ଭାରତ ବାୟୋଟେକ୍ ମିଳିତ ଭାବରେ ଏହି ଭ୍ୟାକ୍ସିନକୁ ପ୍ରସ୍ତୁତ କରିଛନ୍ତି। ମଣିଷ ଉପରେ ଏହାର ପ୍ରୟୋଗ ନିମନ୍ତେ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ ଇଣ୍ଡିଆଙ୍କ ପକ୍ଷରୁ ଫେଜ-୧ ଏବଂ ଫେଜ-୨ରେ ଅନୁମତି ମିଳିସାରିଛି। ଆଇସିଏମ୍‌ଆର୍ ପକ୍ଷରୁ ଏହି ଭ୍ୟାକ୍ସିନ୍ ପରୀକ୍ଷଣ ପାଇଁ ଦେଶର ୧୩ଟି ହସ୍ପିଟାଲକୁ ଚୟନ କରାଯାଇଥିବା ବେଳେ ଏଥିରେ ସମ୍ ହସ୍ପିଟାଲ ସ୍ଥାନପାଇଛି। ହସ୍ପିଟାଲ୍‌ର ଇନଷ୍ଟିଚ୍ୟୁଶନାଲ ଏଥିକାଲ କମିଟିର ଅନୁମୋଦନ ଲାଭ କରିବା ପରେ ଏହି ପରୀକ୍ଷଣ କରାଯିବ। ସେହିଭଳି ପ୍ଲାଜ୍‌ମା ଥେରାପି ମାଧ୍ୟମରେ କରୋନାରୁ ସୁସ୍ଥ ହୋଇଥିବା ରୋଗୀଙ୍କ ରକ୍ତରୁ ଆଣ୍ଟିବଡି ସଂଗ୍ରହ କରାଯାଇ କୋଭିଡ-୧୯ ସଂକ୍ରମିତ ରୋଗୀଙ୍କ ଚିକିତ୍ସା କରାଯିବ। ହସ୍ପିଟାଲ୍‌ର ମେଡିସିନ ବିଭାଗର ପ୍ରଫେସର ଡାକ୍ତର ଚନ୍ଦନ ଦାସ ଏହି ପ୍ଲାଜମା ଥେରାପି ଦାୟିତ୍ୱ ତୁଲାଇବେ।

# ମାସ୍କ ପିନ୍ଧିଲେନି, ଜରିମାନା ଦେଲେ

**କେସିଙ୍ଗା, ୨।୭ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ପକ୍ଷରୁ ସହରର ବିଭିନ୍ନ ଛକରେ ଯାଞ୍ଚ କରାଯାଇ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଗୁରୁବାର ଜରିମାନା ଆଦାୟ କରାଯାଇଛି। ଏନଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନେତୃତ୍ୱରେ କେସିଙ୍ଗା ସହରର ହସ୍ପିଟାଲ ଛକ, ଦୁର୍ଗାମଣ୍ଡପ ଛକ, ବଲାଙ୍ଗୀର ଛକ, ସିନେମା ହଲ ଓ ୨୬ ନଂ.ଜାତୀୟ ରାଜପଥରେ ଏହି ଯାଞ୍ଚ କରାଯାଇଥିଲା । ଏହି ନିୟମ ଉଲ୍ଲଂଘନ କରିଥିବା ୬୨ ଜଣଙ୍କ ଠାରୁ ୨୪ ହଜାର ୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିରେ କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀ, କେସିଙ୍ଗା ପୋଲିସ ଓ ଏନଏସିର କର୍ମଚାରୀମାନେ ସହଯୋଗ କରିଥିଲେ ।

# ନାବାଳିକା ୮ ମାସର ଗର୍ଭବତୀ, ଅଭିଯୁକ୍ତ ଅଟକ

**କୁଚିଣ୍ଡା, ୨।୭ (ଡି.ଏନ.ଏ):** ଦୁଇବର୍ଷ ତଳେ ସମ୍ବଲପୁର ଜିଲା ମହୁଲପାଲି ଥାନା ଭୁଲୁପଡା ଗ୍ରାମର ସୁବାଷ କିସାନ(୨୫)ଙ୍କ ସହିତ କୁଚିଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକା(୧୬) ଭୁବନେଶ୍ୱର ଯାଇ ନିର୍ମାଣ ଶ୍ରମିକଭାବେ କାମ କରୁଥିଲେ। ସେମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହେବାରେ ବର୍ତ୍ତମାନ ନାବାଳିକା ଜଣକ ୮ ମାସର ଗର୍ଭବତୀ। ଲକ୍‌ଡାଉନ ଆଗରୁ ସୁବାଷ ଅଞ୍ଚଳକୁ ଫେରି ଆସି ନାବାଳିକାକୁ ତାଙ୍କ ଘରେ ଛାଡି ଚାଲିଯାଇଥିଲେ। ଏବେ ସେ ତାଙ୍କୁ ସ୍ତ୍ରୀର ମର୍ଯ୍ୟାଦା ଦେବାକୁ ମନା କରିବାରୁ ଝିଅର ପରିବାର ପକ୍ଷରୁ ତାଙ୍କ ନାମରେ କୁଚିଣ୍ଡା ଥାନାରେ ଅଭିଯୋଗ କରାଯାଇଛି। ଥାନାରେ ଦଫା ୩୭୬(୨) (ଏନ) ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରାଯାଇ ସୁବାଷଙ୍କୁ ପୋଲିସ ଅଟକ ରଖିଛି।

# ମିଲ୍ ଯାଞ୍ଚ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**ସମ୍ବଲପୁର,୨।୭(ବ୍ୟୁରୋ):** ସମ୍ବଲପୁର ଜିଲାରେ ଧାନ କଳାବଜାରୀ ହେଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ହେଲେ ପ୍ରଶାସନ ଓ ଯୋଗାଣ ବିଭାଗ ଚୁପ ବସିଥିଲା । ଏବେ ସେହି ଦୁର୍ନୀତି ଧରାପଡିଛି। ଏଥିରେ ମିଲର୍ସ,ବେପାରୀ,ଅଧିକାରୀଙ୍କ ସଂପୃକ୍ତି ଥିବା ସ୍ପଷ୍ଟ ହୋଇଛି। ଜୁନ ୨୮ରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ହାତରେ ସାତୁପାଲିସ୍ଥିତ ଆଇପି ଇଣ୍ଡଷ୍ଟ୍ରିରେ ଷ୍ଟକଠାରୁ ୨୬ ହଜାର କୁଇଣ୍ଟାଲ ଧାନ କମ୍ ଥିବା ଜଣାପଡିବା ପରେ ଏହି ଦୁର୍ନୀତି ପଦାକୁ ଆସିଛି । ସ୍କ୍ୱାର୍ଡ ରିପୋର୍ଟକୁ ଆଧାର କରି ଜିଲାପାଳ ଶୁଭମ୍ ସକସେନା ମିଲର୍ସ ଷ୍ଟକ ଯାଞ୍ଚ କରିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁବାରଠାରୁ ଯୋଗାଣ ବିଭାଗର ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ୫ ଟି ମିଲରେ ଚଢାଉ କରାଯାଉଛି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ କହିଛନ୍ତି, ସାତୁପାଲି ଆଇପି ମିଲରେ ଧାନ ଷ୍ଟକ୍ କମ୍ ରହିଥିଲା । ସେଥିପାଇଁ ଉକ୍ତ ମିଲକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ସନ୍ତୋଷଜନକ ଉତ୍ତର ନ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜିଲା ବାହାରୁ ଧାନ କ୍ରୟ କରୁଥିବା ମିଲଗୁଡିକରେ ଚଢାଉ କରି ଷ୍ଟକ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି ।




# ଏମ୍‌ବିବିଏସ୍ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ସମ୍ବଲପୁର, ୨।୭ (ବ୍ୟୁରୋ)**


ଗୁରୁବାର ସମ୍ବଲପୁର ବୁର୍ଲା ଭିମସାରରେ ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ଅନ୍‌ଲାଇନ ପରୀକ୍ଷା କରିବାକୁ ଦାବି**

ସମ୍ବଲପୁର ଜିଲା ବୁର୍ଲା ବୀରସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇସେନ୍ସ ଆଣ୍ଡ ରିସର୍ଚ୍ଚ (ଭିମସାର)ର ଏମ୍‌ବିବିଏସ୍ ଶେଷ ବର୍ଷ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ପରୀକ୍ଷା କରିବାକୁ ଦାବି କରି ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କଲେଜ ସମ୍ମୁଖରେ ସାମାଜିକ ଦୂରତ୍ୱ ରକ୍ଷା କରି ପ୍ଲାକାର୍ଡ ଧରି ଦାବି ଉପସ୍ଥାପନ କରିଛନ୍ତି । ଏହାସହ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲଙ୍କୁ ଦାବିପତ୍ର ପ୍ରେରଣ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି, ଏମବିବିଏସ୍ ପାଠ୍ୟକ୍ରମର ଶେଷ ବର୍ଷର ସମୟ ସରିଯାଇଛି । ଏପରି କି ୯ଟି ସେମିଷ୍ଟାରରେ ପରୀକ୍ଷା ହୋଇଛି । ହେଲେ ଏବେ ଶେଷ ପରୀକ୍ଷା କରାଯାଉନାହିଁ । ଡିସେମ୍ବର ସୁଦ୍ଧା ପରୀକ୍ଷା ସାରିବା ପାଇଁ ନିୟମ ଥିଲେ ମଧ୍ୟ ଜୁନ ମାସ ପର୍ଯ୍ୟନ୍ତ ପରୀକ୍ଷା କରାଗଲା ନାହିଁ । କରୋନା ସମୟରେ ଯଦି ପରୀକ୍ଷା କରିବା ସମ୍ଭବପର ନୁହଁ ତା ହେଲେ ଅନ୍ୟ ବିଶ୍ୱବିଦ୍ୟାଳୟ ଭଳି ଅନ୍‌ଲାଇନରେ ପରୀକ୍ଷା କରିବାର ବ୍ୟବସ୍ଥା କରାଯାଉ। ନଚେତ ସମସ୍ତଙ୍କୁ ଗ୍ରେସ ମାର୍କରେ ପ୍ରମୋଶନ କରାଯାଉ। ନ ହେଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଠ ପଢ଼ା ବାଧାପ୍ରାପ୍ତ ହେବ। ପାଠ୍ୟକ୍ରମ ବର୍ଷ ଶେଷ ହୋଇଥିଲେ ମଧ୍ୟ ଏବେ ହଷ୍ଟେଲରେ ପିଲାମାନେ ରହି ଖର୍ଚ୍ଚାନ୍ତ ହେଉଛନ୍ତି । ଅନ୍ୟପକ୍ଷେ ସେମାନେ ହାଉସ୍ ସର୍ଜନ ହୋଇପାରୁ ନାହାନ୍ତି । ତେଣୁ ତାଙ୍କୁ ଦରମା ମିଳୁନାହିଁ। ଯଦି ଏମ୍‌ବିବିଏସ୍ ପରୀକ୍ଷା ଫଳ ନ ବାହାରେ ସେମାନେ ଏମ୍‌ଇଇଟି- ୨୦୨୨ ପରୀକ୍ଷାରେ ସାମିଲ ହୋଇପାରିବେ ନାହିଁ। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କ ପାଖକୁ ପଠାଯାଇଛି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ